# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ,କୋଲନରା

ପତ୍ର ସଂଖ୍ୟା..._ MS9 /୨୦୨୬ ତାରିଖ:୧୮.୦୪.୨୦୨୬

**ଅଙ୍ଗନୱାଡି କର୍ମୀ ପଦବୀ ଚୟନ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା କୋଲନରା ପ୍ରକଳ୍ପ ଅଧିନସ୍ଥ ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, କୋଲନରା ଅଧୀନରେ ଖାଲି ଥିବା ୦୨ ଗୋଟି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଅନଲାଇନ)online) ମାଧ୍ୟମରେ ଦରଖାସ୍ତ ପତ୍ର ଆହ୍ୱାନ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ ,କୋଲନରା କାର୍ଯ୍ୟାଳୟ ତରଫରୁ ବିଜ୍ଞପ୍ତି ଜାରି କରାଗଲା. ଆଗ୍ରହୀ ପ୍ରାର୍ଥୀ ମାନେ ପ୍ରଦତ୍ତ http://engagement-awc.odisha.gov.in/landing ୱେବସାଇଟର public user/public login ମାଧ୍ୟମରେ ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନ କରିପାରିବେ ।

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱରରଙ୍କ ଚିଠି ସଂଖ୍ୟା. ୪୯୭୦ ତାରିଖ.୧୫.୦୩.୨୦୨୩ ଅନୁସାରେ ଅଙ୍ଗନୱାଡ କର୍ମୀ ଚୟନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥିନୀ ମାନେ ଖାଲିଥିବା ଅଙ୍ଗନୱାଡି କର୍ମୀ ପଦବୀ ସକାଶେ ଆବେଦନ କରିପାରିବେ ।

ଆବେଦନକାରୀ ପ୍ରାର୍ଥିନୀଙ୍କ ପାଇଁ ଆବଶ୍ୟକୀୟ ଯୋଗ୍ୟତା:-

୧. ପ୍ରାର୍ଥିନୀ ଅନୁସୂଚିତ ଜନଜାତି (ST) ବର୍ଗର ହୋଇଥିବେ। ଯଦି ସମ୍ପୃକ୍ତ ଗ୍ରାମ ବା କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳରେ ଅନୁସୂଚିତ ଜନଜାତି ବର୍ଗର ଯୋଗ୍ୟ ମହିଳା ପ୍ରାର୍ଥିନୀ ନ ମିଳନ୍ତି ତାହା ହେଲେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅଞ୍ଚଳର ଆଖ ପାଖ ଗ୍ରାମର ଅନୁସୂଚିତ ଜନଜାତି (ST) ବର୍ଗର ପ୍ରାର୍ଥିନୀ ଙ୍କୁ ଚୟନ ସକାଶେ ସୁଯୋଗ ଦିଆଯିବ ।

୨. ପ୍ରାର୍ଥିନୀ କେବଳ ସେହି ଅଙ୍ଗନବାଡି କେନ୍ଦ୍ର ସେବା ପରିସର ଭୁକ୍ତ ଅଞ୍ଚଳର ବାସିନ୍ଦା ହୋଇଥିବେ। ପ୍ରାର୍ଥିନୀ ଯେଉଁ କେନ୍ଦ୍ର ପାଇଁ ଆବେଦନ କରୁଛନ୍ତି, ତାହା ପୋର୍ଟାଲ ମାଧ୍ୟମରେ ପ୍ରକାଶ କରିବେ ।

୩. ପ୍ରାର୍ଥିନୀଙ୍କ ବୟସ ତା.୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ବର୍ଷରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୪. ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ। ଯଦି ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥାଏ, ତେବେ ତାହାର ଉପଯୁକ୍ତ ପ୍ରମାଣ ପତ୍ର ପୋର୍ଟାଲରେ ଅପଲୋଡ କରିବେ । ସେଥି ପାଇଁ ଅତିରିକ୍ତ ମାର୍କର ବ୍ୟବସ୍ଥା ରହିଛି ।

୫. ପ୍ରାର୍ଥିନୀଙ୍କ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ମାର୍କ ଆଧାରରେ ସେମାନଙ୍କ ଯୋଗ୍ୟତା ତାଲିକା ପ୍ରସ୍ତୁତ କରାଯିବାତତ ସହିତ ସେମାନଙ୍କ ଅତିରିକ୍ତ ଯୋଗ୍ୟତା ଭିର୍ତିରେ ଅତିରିକ୍ତ ମାର୍କ ଯୋଗ କରାଯିବ ।

୬.ପ୍ରାର୍ଥିନୀ ଯଦି ସ୍ୱାମୀ ପରିତ୍ୟକ୍ତା/ଅସହାୟମହିଳା/ବିଧବା /ଅନାଥ ଏବଂ ଭିନ୍ନକ୍ଷମ (୪୦% ରୁଅଧିକ) ହୋଇଥାନ୍ତି, ତେବେ ତତ ସଂକ୍ରାନ୍ତୀୟ ପ୍ରମାଣ ପତ୍ର ସମ୍ପୃକ୍ତ ଅଧିକାରୀଙ୍କଠାରୁ ସଂଗ୍ରହ କରି ଆବେଦନ ପୋର୍ଟାଲରେ ଅପଲୋଡ କରିବେ। ଏଥି ପାଇଁ ମଧ୍ୟ ଅତିରିକ୍ତ ମାର୍କର ବ୍ୟବସ୍ଥା ରହିଅଛି ।

୭. ପ୍ରାର୍ଥିନୀଙ୍କ ଉପରୋକ୍ତ ଯୋଗ୍ୟତା ଥାଇ ଯଦି କୌଣସି ବାଲବାଡ଼ି କିମ୍ବା ଇ.ସି.ସି କର୍ମୀ ଭାବେ କାର୍ଯ୍ୟରତ ଅଛନ୍ତି ତାହାର ପ୍ରମାଣ ପତ୍ର ପୋର୍ଟାଲରେ ଅପଲୋଡ କରିବେ ।

୮. ପ୍ରାର୍ଥିନୀ କ୍ଷମତା ପ୍ରାପ୍ତ ଅଧିକାରୀ (ତହସିଲଦାର) ଙ୍କଠାରୁ ସାମ୍ପ୍ରତିକ ପ୍ରାପ୍ତ ବାସିନ୍ଦା ପ୍ରମାଣ ପତ୍ରର ନକଲ ଦରଖାସ୍ତ ସହ ସଂଲଗ୍ନ କରିବେ ।

୯. ପ୍ରାର୍ଥିନୀ କ୍ଷମତା ପ୍ରାପ୍ତ ଅଧିକାରୀ (ତହସିଲଦାର) ଙ୍କଠାରୁ ପ୍ରାପ୍ତ ଜାତିଗତ ପ୍ରମାଣ ପତ୍ରର ନକଲ ଦରଖାସ୍ତ ସହ ପୋର୍ଟାଲରେ ଅପଲୋଡ କରିବେ ।

୧୦. ପ୍ରାର୍ଥିନୀ ନିଜର ବର୍ତ୍ତମାନ ପାସ ପୋର୍ଟ ସାଇଜ ଫୋଟ ଓ ଆଧାର କାର୍ଡ ପୋର୍ଟାଲରେ ଅପଲୋଡ କରିବେ ।



Scanned by CamScanner

୧୧. ଅଙ୍ଗନବାଡି କର୍ମୀ ପଦବୀ ସରକାରୀ କର୍ମଚାରୀ ପଦବାଚ୍ୟ ନ ହୋଇ ଏକ ସ୍ୱେଚ୍ଛା ସେବିକା ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକ ସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମାର ବ୍ୟବସ୍ଥା ନାହିଁ କିମ୍ବା ଏହା ଏକ ନିୟମିତ ସରକାରୀ ଚାକିରୀ ନୁହେଁ। ତେଣୁ ଓଡିଶା ସରକାରଙ୍କ ଓ.ଆର.ଭି ଆଇନ ୧୯୭୫ କିମ୍ବା କର୍ମ ସଂସ୍ଥାପନ ନିୟୋଜନ ଆଇନ ବି ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ କିମ୍ବା ଭବିଷ୍ୟତରେ ସରକାରୀ ପଦବାଚ୍ୟ ହେବ ବୋଲି ଦାବୀ କରିପାରିବେ ନାହିଁ।

୧୨.ଦରଖାସ୍ତକାରୀ ମାନେ ବିଜ୍ଞପ୍ତି ଜାରି ହେବାର ୧୫ ଦିନ ମଧ୍ୟରେ ତା.୧୯.୦୪.୨୦୨୬ ଠାରୁ ୦୩.୦୫.୨୦୨୬.ରିଖ ପର୍ଯ୍ୟନ୍ତ online ମାଧ୍ୟମରେ ଆବେଦନ କରିପାରିବେ ।

୧୩. ଦରଖାସ୍ତ ଗ୍ରହଣ ଶେଷ ହେବା ପରେ ଅର୍ଥାତ ତା.୦୪.୦୫.୨୦୨୬ ରିଖ ପୂର୍ବାହ୍ନ ୮ଘଣ୍ଟିକା ସମୟରେ ଆବେଦନକାରୀ online ମାଧ୍ୟମରେ upload କରିଥିବା ସାର୍ଟିଫିକେଟର ଅବିକଳ ନକଲ ମୂଳ (original) ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ । ଉକ୍ତ ଦିନ ଚୟନ କମିଟି ଦ୍ୱାରା ମୂଳ ସାର୍ଟିଫିକେଟ ଯାଞ୍ଚ ( certificate verification ) କରାଯିବ ।ଉକ୍ତ ଦିନ ଯାଞ୍ଚ ସମୟରେ ଅନୁପସ୍ଥିତ ରହିଲେ କିମ୍ବା ଦରଖାସ୍ତରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା ଯେକୌଣସି ଦୃଷ୍ଟିରୁ ଅସମ୍ପୂର୍ଣ୍ଣ ହେଲେ କିମ୍ବା ଆବଶ୍ୟକୀୟ ପ୍ରମାଣ ପତ୍ର ଅଭାବ ହେଲେ ସମ୍ପୃକ୍ତ ପ୍ରାର୍ଥିନୀଙ୍କ ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ ।

<u>ଦରଖାସ୍ତ ଆହ୍ୱାନ ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ତାଲିକା</u>

| କ୍ର.ନଂ | ଗ୍ରାମପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ଅଙ୍ଗନୱାଡି କେନ୍ଦ୍ର ଓ ତାର ପରିସର ଭୁକ୍ତ ଅଞ୍ଚଳର ନାମ |
|---|---|---|---|
| ୧ | ସୂରୀ | ଡକୁଲୁଗୁଡା | ଡକୁଲୁଗୁଡା,ବଡପଦିଆ |
| ୨ | ବାଙ୍କିଲି | ଖମ୍ବେଶୁ | ଖମ୍ବେଶୁ,ପଦ୍ମପୁର |

ପରିପତ୍ର ସଂଖ୍ୟା...M53 / ୨୦୨୬ ତାରିଖ. ୧୮.୦୪.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ରାୟଗଡା / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ରାୟଗଡା/ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ପଞ୍ଚାୟତ ସମିତି, କୋଲନରା/ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ,କୋଲନରା/ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ପଞ୍ଚାୟତ ସମିତି କୋଲନରା /ବ୍ଲକ ଶିକ୍ଷା ଅଧିକାରୀ କୋଲନରାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ପୁଷ୍ପଲତା ସାହୁ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କୋଲନରା

ପରିପତ୍ରସଂଖ୍ୟା...M54 / ୨୦୨୬ ତାରିଖ.୧୮.୦୪.୨୦୨୬.

ଏହାର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଲନରା, ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ , କୋଲନରା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ତଥା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇ ଦିଆଗଲା। ସମ୍ପୃକ୍ତ ପରିଦର୍ଶିକା ଏହି ନୋଟିସକୁ ଅଙ୍ଗନୱାଡି କେନ୍ଦ୍ର ଗ୍ରାମରେ ଏବଂ ଗ୍ରାମପଞ୍ଚାୟତରେ ଲଟକାଇ ତାର ସ୍ୱୀକୃତି ପ୍ରାପ୍ତ ଚିଠା କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ କରାଗଲା ।

ପୁଷ୍ପଲତା ସାହୁ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କୋଲନରା

Scanned by CamScanner